# Akashvani, Sambalpur

## SAMBALPURI NEWS EVENING BULLETIN

## 27 May 2025- 7.02 pm- 7.12 pm.

*********************************************

ଆକାଶବାଣୀ ସମ୍ବଲପୁର

ଆଁଚଲିକ୍ ଖବର ପଢୁଛନ୍ -

ଜୁହାର୍ ।

ପହେଲା ମୁଖିଆ ଖବର୍ ।

**ST UNDERPLAY**

୧- ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ୬୮ ଝନ୍‌କୁ ପଦ୍ମ ପୁରସ୍କାର୍ ପ୍ରଦାନ୍ କଲେ ରାଷ୍ଟ୍ରପତି ।

୨- କୃଷିର୍ ଉନ୍ନତି ଦିଗେ କେନ୍ଦ୍ର ସର୍‌କାର୍‌ଙ୍କର୍ ପଦକ୍ଷେପ୍ ମାନ୍‌କୁ ତୃଣମୂଳସ୍ତର୍‌ତକ୍ ପୁହୁଁଚାବାର୍ ଲାଗି ଆଏବା ଗୁରୁବାର୍ ଠାନୁ ମୁଲ୍ ହେବା ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ।

୩- ନନ୍ଦପଡ଼ାର୍ ପତର୍‌ପେଁଡ଼ି ସହେତେ ଆଏଜ୍‌ଠାନୁ ମୁଲ୍ ହେଉଛେ ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ।

ଆଉର୍

୪- ଇଥର ସ୍ୱାଭାବିକ୍‌ନୁ ଅଏତ୍‌କା ହେବା ମୌସୁମୀ ବର୍ଷା- ପୂର୍ବାନୁମାନ୍ କଲା ଭାରତୀୟ ପାଣିପାଗ୍ ବିଭାଗ୍ ।

- ବଙ୍ଗୋପ୍‌ସାଗର୍‌ନୁ ଲଘୁଚାପ୍ ସକ୍ରିୟ ହେବାର୍‌ନୁ ଆଏବା ୩୧ ତାରିଖ୍‌ତକ୍ ରାଏଜେ ହେବା ଜବର୍ ବର୍ଷା ।

ପଦ୍ମ ପୁରସ୍କାର ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ୨ ନମ୍ବର୍ ଖେପ୍ ପଦ୍ମ ପୁରସ୍କାର୍ ପ୍ରଦାନ୍ କରିଛନ୍ । ରାଷ୍ଟ୍ରପତି ଭବନ୍ ଠାନେ ହେଇଥିବା ସମ୍ମାନ୍ ସମାରୋହଥି ଦେଶର୍ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ହାସଲ୍ କରିଥିବା ୬୮ ଝନ୍ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର୍ ଦିଆଯାଇଛେ । ଇତାର୍ ଆଘୋନୁ ପହେଲା ଖେପେ ୭୧ ଝନ୍‌କୁ ଇ ପୁରସ୍କାର୍ ଦିଆଯାଇଛେ । ସମାରୋହଥି ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ସହେତେ ମନ୍ତ୍ରୀ ପରିଷଦ୍‌ର ସଦସ୍ୟମାନେ ଯୋଗ୍ ଦେଇଛନ୍ ।

ଅପରେସନ୍ ସିନ୍ଦୁର୍- ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀ

ଏନ୍‌ଏସ୍‌ଡି

ଅପରେସନ୍ ସିନ୍ଦୁର୍ ଆଉ ପାକିସ୍ତାନ୍ ସମର୍ଥିତ୍ ଆତଙ୍କବାଦ୍ ବାବ୍‌ଦେ ଜନାବାର୍ ଲାଗି ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀମାନେ ଭିନ୍ ଭିନ୍ ଦେଶର୍ ପ୍ରତିନିଧି ମାନ୍‌କୁ ଭେଟିଛନ୍ । ସାଂସଦ୍ ଡକ୍ଟର୍ ଶ୍ରୀକାନ୍ତ ଏକ୍‌ନାଥ୍ ସିନ୍ଦେଙ୍କର୍ ନେତୃତ୍ୱଥି ଗୁଟେ ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀ ଆଏଜ୍ ଆଫ୍ରିକୀୟ ରାଷ୍ଟ୍ର କଙ୍ଗୋ ଯାଇକରି ଉପପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ନେତା, ମନ୍ତ୍ରୀ ମାନ୍‌କୁ ଭେଟିକରି ସୀମାପାର୍ ଆତଙ୍କବାଦ୍ ବାବ୍‌ଦେ ଜନେଇଛନ୍ । ସେନ୍ତା ସାଂସଦ୍ ରବି ଶଙ୍କର୍ ପ୍ରସାଦ୍‌ଙ୍କର୍ ନେତୃତ୍ୱଥି ଫ୍ରାନ୍ସ ଗସ୍ତଥି ଥିବା ପ୍ରତିନିଧି ମଣ୍ଡଲୀ ସେନର୍ ନେତା ମନ୍ତ୍ରୀଙ୍କର୍ ସହେତେ ଫ୍ରାନ୍ସ ଥିଙ୍କ୍ ଟେଙ୍କ୍ ମାନ୍‌କର୍ ସଙ୍ଗେ ପାକିସ୍ତାନ୍‌ର ଆତଙ୍କବାଦ୍ ନୀତି ବାବ୍‌ଦେ ଆଲୋଚନା କରିଛନ୍ । ସେଆଡ଼େ ମଧ୍ୟପ୍ରାଚ୍ୟ ଦେଶ୍ କୁଏତ୍ ଠାନେ ସାଂସଦ୍ ବୈଜୟନ୍ତ ପଣ୍ଡାଙ୍କର୍ ନେତୃତ୍ୱଥି ଯାଇଥିବା ପ୍ରତିନିଧି ମଣ୍ଡଲୀ ସେନର୍ ନେତାମାନ୍‌କର୍ ସାଙ୍ଗେ ଆତଙ୍କବାଦ୍ ବରୋଧୀ ଲଢ଼େଇଥି ପାରସ୍ପରିକ୍ ସହଯୋଗ୍ ବିଷେଥି  ଆଲୋଚନା କରିଛନ୍ । ଡିଏମ୍‌କେ ସାଂସଦ୍ କାନିମୋଇ କରୁଣାନିଧିଙ୍କର୍ ନେତୃତ୍ୱଥି

ଯାଇଥିବା ପ୍ରତିନିଧି ଦଲ୍ ଆଏଜ୍ ସ୍ଲୋଭେନିଆ ଠାନେ ରାଷ୍ଟ୍ରପତିଙ୍କୁ ଭେଟିକରି ଆତଙ୍କବାଦ୍ ବିରୋଧିଥି ଭାରତ୍ର ଲଢ଼େଇ ବାବ୍ଦେ ଆଲୋଚନା କରିଛନ୍ ।

ବିକଶିତ୍ କୃଷି ସଂକଳ୍ପ ଅଭିଯାନ I&PR

କେନ୍ଦ୍ର ସର୍କାର୍ଙ୍କର୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ଆଏବା ଗୁରୁବାର୍ଠାନୁ ଐତିହ୍ୟ ସହର୍ ପୁରୀନୁ ମୁଲ୍ ହେବା । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ଜରିଏ ଅଭିଯାନ୍ର ଶୁଭାରମ୍ଭ କର୍ବେ ।  ପୁରୀ ଜିଲ୍ଲାର୍ ସାକ୍ଷୀଗୋପାଲ୍ ପାଖର୍ ବୀରଗୋବିନ୍ଦପୁର୍ କୃଷି ବିଜ୍ଞାନ୍ କେନ୍ଦ୍ର ଠାନେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କାର୍ଯ୍ୟକ୍ରମ୍କେ ଆନୁଷ୍ଠାନିକ୍ ଭାବେ ଉଦ୍ଘାଟନ୍ କର୍ବେ । ଇ ଅବ୍ସରେ କୃଷି ରଥର୍ ଭିଲ୍ ଶୁଭାରମ୍ଭ କରାଯିବା । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଦୁହି ଉପମୁଖ୍ୟମନ୍ତ୍ରୀ ଆଉ ଭିନ୍ ଭିନ୍ ମନ୍ତ୍ରୀମାନେ ଯୋଗ୍ ଦେବେ ।

କୃଷି କ୍ଷେତ୍ରର୍ ବିକାଶ୍ ଦିଗେ କେନ୍ଦ୍ର ସର୍କାର୍ଙ୍କର୍ ଯୁଗାନ୍ତକାରୀ ପଦକ୍ଷେପ୍ ମାନ୍କୁ ତୃଣମୂଲ୍ସ୍ତର୍ତକ୍ ପୁହୁଁଚାବାର୍ ଆଉ କୃଷି କ୍ଷେତ୍ରଥି ନୂଆଁ ସୃଜନ୍ ତିଆର୍ କର୍ବାର୍ ଲକ୍ଷ୍ୟଥି ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ମୁଲ୍ କରାଯାଉଛେ । ଆଏବା ୧୨

ତାରିଖ୍ ତକ୍ ଦେଶର୍ ଭିନ୍ ଭିନ୍ ଜାଗା ନ କୃଷି ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ୍ ମାନ୍ ହେବା ।

ରାଜ୍ୟ କେବିନେଟ୍‌ର ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ବସ୍‌ବା । ଇଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ମଞ୍ଜୁର୍ କରାଯିବା ବଲି ଜନାପଡ଼ିଛେ । କେବିନେଟ୍ ବୈଠକ୍‌ର ଢାଂଚା ବଦ୍‌ଲିବାର୍ ଉତ୍‌ରୁ ଇଟା ପହେଲା ବୈଠକ୍ ହେବା ।

ଅନ୍ତ୍ୟୋଦୟ ଘର୍ ଯୋଜ୍‌ନା-ପଂଚୟତିରାଜ୍ ମନ୍ତ୍ରୀ ହି.ସ.

ରାଏଜେ ବର୍ଷା ସର୍‌ଲା ଉତ୍‌ରୁ ୨ ନମ୍ବର୍ ଖେପ୍ ଅନ୍ତ୍ୟୋଦୟ ଘର୍ ଯୋଜ୍‌ନା ବଂଟାଯିବା ବଲି ପଂଚୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍, ଯୋଜ୍‌ନାଥି ପହେଲା ଖେପେ ପାଖାପାଖି ୬୦ ହଜାର୍ ଘର୍ ଦିଆଯାଇଛେ । ଇହାଦେ ହିତାଧିକାରୀମାନ୍‌କର୍ ତାଲିକା ବନା ଚାଲିଛେ । ଆଏବା ୨ ମାସ୍ ଭିତ୍‌ରେ ସବୁ ପ୍ରକ୍ରିୟା

ସର୍ବା ଆଉ ଯୋଗ୍ୟ ହିତାଧିକାରୀମାନ୍‌କୁ ଘର୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ-ନୂଆଁ ଏନ୍‌ଏସି ହି.ସ.

ନୂଆଁ ଏନ୍‌ଏସି ଗଠନ୍ ଲାଗି ଆସିଥିବା ପ୍ରସ୍ତାବ୍ ମାନ୍‌କର୍ ତର୍ଜମା କରାଯାଇକରି ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌କେ ପଠାଯାଇଛେ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍, ରାଏଜେ ନୂଆଁ ଏନ୍‌ଏସି ଆଉ ମ୍ୟୁନିସିପାଲ୍‌ଟି ଗଠନ୍ ଲାଗି ପଂଚାୟତିରାଜ୍ ବିଭାଗ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛେ । ଇ ବାବ୍‌ଦେ ଦୁହି ବିଭାଗ୍ ଭିତ୍‌ରେ ୨ ଥର୍ ବୈଠକ୍ ହେଇସାରିଛେ । ତାଙ୍କର୍ ବିଭାଗ୍‌କେ ଇ ବାବଦ୍ ଯେତ୍‌କି ଭିଲ୍ ପ୍ରସ୍ତାବ୍ ଆସିଥିଲା ସବୁ ତର୍ଜମା କରାଯାଇକରି ନଗର୍ ଉନ୍ନୟନ୍ ବିଭାଗ୍‌କେ ପଠାଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ସୀମା ବିବାଦ-ବୈଠକ୍ ହି.ସ.

ରାଏଜେ ଲାଗିରହିଥିବା ସୀମା ବିବାଦ୍‌କେ ନେଇକରି ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୃହ କମିଟି ପହେଲା ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ଆନ୍ଧ୍ରପ୍ରଦେଶ୍ ସୀମ୍‌ନା ଇଲାକା ନ ଥିବା କୋଟିଆ ପୋଲାଭରମ୍ ସହେତେ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା ହେଇଛେ । ଓଡ଼ିଶା ସୀମ୍‌ନା ନ ପଡ଼ୋଶୀ ରାଜ୍ୟମାନ୍‌କର୍ ଜବର୍‌ଦଖଲ୍‌କେ ରୁକ୍‌ବାର୍ ଲାଗି ବୈଠକ୍‌ଥି ଜୋର୍ ଦିଆଯାଇଛେ । ଗୃହକମିଟି ଆଏବା ଦିନେ କୋଟିଆ, ଗଞ୍ଜାମ୍, ଗଜପତି, ବାଲେଶ୍ୱର୍ ବାଗିର୍ ବିବାଦ୍ ଲାଗିଥିବା ଭିନ୍ ଭିନ୍ ସୀମ୍‌ନା ଇଲାକାମାନ୍‌କେ ଯାଇକରି ଥିତି ଯାଂଚ୍ କର୍‌ବା ବଲି ବିଧାୟକ୍ ମନୋରଞ୍ଜନ୍ ସାମନ୍ତରାୟ କହିଛନ୍ । ଆଏବା ଦିନେ ସବୁ ବିଭାଗ୍‌ର ଅଫିସର୍ ମାନ୍‌କୁ ନେଇକରି ବୋର୍ଡ଼ର୍ କମିଟିର୍ ବୈଠକ୍ ହେବା ବଲି ଶ୍ରୀ ସାମନ୍ତରାୟ କହିଛନ୍ ।

ଶୀତଲ୍‌ଷଷ୍ଠୀ ପତର୍‌ପେଁଡ଼ି      ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଆଏଜ୍ ନନ୍ଦପଡ଼ାର୍ ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ପତର୍‌ପେଁଡ଼ି ନୀତି ହେଉଛେ । ଆମର୍ ସମ୍ବାଦଦାତାଙ୍କର୍ ସୂଚ୍‌ନା ଅନ୍‌ସାରେ ଶଙ୍ଖ, ଘଂଟ, ଦୁଲ୍‌ଦୁଲି ଆଉ ଲୋକନାଚ୍ ଦଲ୍ ସାଙ୍ଗେ ନେଇକରି

ବରପିତା, ସପ୍ତରଷି ଆର୍ ପଡ଼ାର୍ ମୁରବୀ ମାନେ କନିଆ ଖୁଜ୍‌ବାର୍‌କେ ଶୋଭାଯାତ୍ରାଥି ବାହାରିଛନ୍ । ସେମାନେ କନ୍ୟାପିତାଙ୍କର୍ ଘରେ ପୁହୁଁଚିଲା ଉତ୍‌ରୁ ସପ୍ତରଷି ଆର୍ ବରପିତା ଦେବଦେବ ମହାଦେବଙ୍କର୍ ଗୁଣଗାନ କର୍‌ବେ । ହେଲେ ଝି' ଘରେ ରାଜି ହେଲା ଉତ୍‌ରୁ ସର୍‌ଗିପତର୍ ପେଁଡ଼ା, ଫୁଲ୍ ଆଉ ବେଲ୍‌ପତର୍ ଦେଇକରି ପତର୍‌ପେଁଡ଼ି ନୀତି କର୍‌ବେ । ଇ ବାବ୍‌ଦେ ନନ୍ଦପଡ଼ା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟିର୍ ଉପଦେଷ୍ଟା ପ୍ରଫୁଲ୍ଲ ହୋତା କହିଛନ୍,

(ଭଏସ୍ ଓଭର୍-ପ୍ରଫୁଲ୍ଲ ହୋତା)

ସେନ୍ତା ଆଏବା କାଏଲ୍ ବାଲୁଙ୍କେଶ୍ୱର୍ ବାବାଙ୍କର୍ ବିବାହଥି ଯୋଗ୍ ଦେବାର୍ ଲାଗି ନୃସିଂହ ମହାପ୍ରଭୁ ସହରର୍ ଦେବୀଦେବୀଙ୍କୁ ନିଉତା ଦେବେ । ମହାଦେବ୍ ଆର୍ ମାତା ପାର୍ବତୀଙ୍କର୍ ଇ ମାନବୀୟ ଲୀଳା ଦେଖ୍‌ବାର୍‌କେ ହଜାର୍ ହଜାର୍ ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ଲାଗିଛେ ।

ଆଏବା ୨୯ ତାରିଖ୍ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା ।

ସେଆଡ଼େ ବର୍‌ଗଡ଼୍ ଜିଲ୍ଲା ବର୍‌ପାଲି ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଭିଲ୍ ଆଏଜ୍ ପତର୍‌ପେଁଡ଼ି ନୀତି ହେଇଯାଇଛେ ।

ଉତ୍କଳ ବିଶ୍ୱବିଦ୍ୟାଳୟ-ନୂଆଁ କୁଳପତି ହି.ସ.

ପ୍ରଫେସର୍ ଯଜ୍ଞେଶ୍ୱର୍ ଦଣ୍ଡପାଟଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର୍ ନୂଆଁ କୁଳପତି ଭାବେ ନିଯୁକ୍ତି ଦିଆଯାଇଛେ । ପ୍ରଫେସର୍ ଦଣ୍ଡପାଟ ଇହାଦେ ଉତ୍କଳ ବିଶ୍ୱବିଦ୍ୟାଳୟର୍ ବାୟୋଟେକ୍ନୋଲୋଜି ବିଭାଗ୍‌ର ପ୍ରଫେସର୍ ଅଛନ୍ । ନୂଆଁ କୁଳପତି ନିଯୁକ୍ତି ହେବାର୍‌ତକ୍ ପ୍ରଫେସର୍ ଦଣ୍ଡପାଟ ଦାୟିତ୍ୱଥି ରହେବେ ବଲି ରାଜ୍‌ଭବନ୍‌ନୁ ଆଏଜ୍ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

କୋଭିଡ୍- ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍     ହି.ସ.

ଦେଶେ କୋଭିଡ୍ ଥିତିକେ ନେଇକରି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ବସ୍‌ବା । ବୈଠକ୍‌ଥି ଦେଶର୍ ସବୁ ରାଜ୍ୟର୍ ସ୍ୱାସ୍ଥ୍ୟ ସଚିବ ମାନେ ଆଭାସୀ ଜରିଏ ଯୋଗ୍ ଦେବେ ବଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ । ସେ କହିଛନ୍, ଦେଶେ ଦେଖାଦେଇଥିବା କରୋନା ଥିତିକେ ନେଇକରି ସ୍ୱାସ୍ଥ୍ୟ ବିଭାଗ୍ ପୁରା ତୟାର୍ ଅଛେ । କରୋନାର୍ ଇ ଭେରିଏଂଟ୍ ବେଶୀ ଘାତକ୍ ନୁହେଁସେ, ହେଥିର୍‌ଲାଗି ଲୁକେ ନାଇଁ ଡରୁନ୍ ବଲି ଡାକ୍ତର ମିଶ୍ର କହିଛନ୍ ।

ବିଧାନ୍‌ସଭାର୍ ଇତିହାସ୍ ବହି        I&PR

ଓଡ଼ିଶା ବିଧାନ୍‌ସଭାର୍ ଗବେଷଣା ଶାଖା ତର୍‌ଫୁ ବିଧାନ୍‌ସଭାର୍ ଇତିହାସ୍ ବହି ‘A brief history of odisha legislatiave assembly’ ବହି ଉନ୍ମୋଚିତ ହେଇଛେ । ବାଚସ୍ପତି ସୁରମା ପାଢ଼ୀ ବହିକେ ଉନ୍ମୋଚନ୍ କରିକରି ଇଟା ଲୋକପ୍ରତିନିଧି ମାନ୍‌କର୍‌ନୁ ନେଇକରି ଗବେଷକ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଆଉ ସାଧାରଣ୍ ଲୁକ୍‌କର୍ ବହୁତ୍ କାମ୍‌ଥି ଆସ୍‌ବା କହିଛନ୍ ।

ଜନ ଅଭିଯୋଗ୍ ଶୁଣାଣି ଶିବିର ବୌଦ୍ଧ/ସୁବର୍ଣ୍ଣପୁର୍/ଦେବ୍‌ଗଡ଼୍

ବୌଦ୍ଧ ସଦର୍ ବ୍ଲକ୍ ବଘିଆପଡ଼ା ପଂଚାୟତ୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ପ୍ରଶାସନ୍‌ର ଯୁଗ୍ମ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୨୭ ଟା ଅଭିଯୋଗ୍ ଆସିଥିଲା । ୧୨ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ବାକି ସବୁ ଅଭିଯୋଗ୍ ମାନ୍‌କର୍ ଜଲ୍‌ଦି ସମାଧାନ୍ କର୍‌ବାର୍‌କେ

ଉପଜିଲ୍ଲାପାଲ୍ ଆଉ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ଠାନେ ହେଇଥିବା ଯୁଗ୍ମ ଜନ ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୬୧ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୩ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ବେଲେ ୪ ଟା ଅଭିଯୋଗ୍‌କେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକେ ଆର୍ଥିକ୍ ସାହାଜ୍ ଲାଗି ପଠାଯାଇଥିଲା । ବାକି ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଲାଗି ଅତିରିକ୍ତ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଆଉ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦେବଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ କଂଟାବାହାଲ୍ ପଂଚାୟତ୍ ସମିତି କକ୍ଷ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୪୨ ଟା ଅଭିଯୋଗ୍ ଆସିଥିଲା । ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇଥର ମୌସୁମୀ ବର୍ଷା ସ୍ୱାଭାବିକ୍‌ନୁ ଅଏତ୍‌କା ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ - ଆଇଏମ୍‌ଡି ପୂର୍ବାନୁମାନ୍

କରିଛେ । ଆଇଏମ୍‌ଡ଼ି ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ରଙ୍କର୍ ସୂଚ୍‌ନା ଅନ୍‌ସାରେ ଇ ବଛର୍ ମୌସୁମୀ ବର୍ଷା ଜୁନ୍ ମାସୁ ସେପ୍ଟେମ୍ବର୍ ମାସ୍‌ତକ୍  ହେବା । ଜୁନ୍ ମାସେ ସବୁନୁ ଜହ ଶହେ ୬ ପ୍ରତିଶତ୍ ବର୍ଷା ହେବା । ଇଥର ୮ ଦିନ୍ ଆଘୋନୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳକେ ପୁହୁଁଚିଛେ । ମୌସୁମୀ ଆଗ୍‌କେ ବଢ଼୍‌ବାର୍ ଲାଗି ଦେଶେ ପାଗ୍ ଅନୁକୂଳ ଅଛେ । ହେଥିର୍‌ଲାଗି ବର୍ଷା ଭଲ୍ ହେବା ବଲି ଶ୍ରୀ ମହାପାତ୍ର କହିଛନ୍ ।

ସେଆଡ଼େ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ପଶ୍ଚିମ କେନ୍ଦ୍ରୀୟ ପାଖର୍ ଉତର୍ ବଙ୍ଗୋପ୍‌ସାଗର୍  ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଆଏଜ୍ ଖରାବେଲେ ଲଘୁଚାପ୍‌ଥି ବଦ୍‌ଲିଛେ ।  ଇଟା ବର୍‌କସ୍ ହେଇକରି ଉତର୍ ଦିଗ୍‌କେ ଗତି କର୍‌ବା ଆଉ ଆଏବା ୪୮ ଘଂଟା ଭିତ୍‌ରେ ଲଘୁଚାପ୍ ଆହୁରି ବର୍‌କସ୍ ହେବା । ଇଟାର୍ ପ୍ରଭାବ୍‌ଥି ଆଏଜ୍‌ଠାନୁ ରାଜ୍ୟର୍ ସମୁଦ୍ର ଖଁଡ଼ି ଇଲାକାମାନ୍‌କେ ବର୍ଷା ମୁଲ୍ ହେଇଛେ । ୩୧ ତାରିଖ୍‌ତକ୍ ରାଏଜେ ଅପର୍‌ବଲ୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷାକେ ନେଇକରି  ୧୯ ଟା ଜିଲ୍ଲାକେ ପାଣପାଗ୍ କେନ୍ଦ୍ର ସତର୍କ କରିଛେ ।